# 38th Meeting of Ministerial level Joint Rivers Commission of India and Bangladesh held at New Delhi

August 26, 2022

## ଭାରତ ଏବଂ ବାଙ୍ଗଲାଦେଶର ମିଳିତ ନଦୀ ଆୟୋଗର 38 ତମ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ

ଅଗଷ୍ଟ 26, 2022

ଭାରତ ଏବଂ ବାଙ୍ଗଲାଦେଶର ମନ୍ତ୍ରୀସ୍ତରୀୟ ମିଳିତ ନଦୀ ଆୟୋଗର 38 ତମ ବୈଠକ 25 ଅଗଷ୍ଟ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ବାଙ୍ଗଲାଦେଶ ପ୍ରତିନିଧି ଦଳର ନେତୃତ୍ୱ ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାହିଦ ଫାରୁକୀ ନେଇଥିଲେ। ଜଳ ସମ୍ପଦ ଉପମନ୍ତ୍ରୀ ଶ୍ରୀ ଏ.କେ.ଏମ ଇନାମୁଲ ହକ୍ ଶମୀମ ମଧ୍ୟ ବାଙ୍ଗଲାଦେଶ ପ୍ରତିନିଧି ଦଳରେ ସାମିଲ ଥିଲେ। ଦୀର୍ଘ 12 ବର୍ଷର ବ୍ୟବଧାନ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ। ମଧ୍ୟବର୍ତ୍ତୀ କାଳରେ ଯଦିଓ ମିଳିତ ନଦୀ ଆୟୋଗ ଫ୍ରେମୱର୍କ ଅଧୀନରେ ବୈଷୟିକ ଚର୍ଚ୍ଚା ଜାରି ରହିଥିଲା। ଏହି ବୈଠକ ପୂର୍ବରୁ 23 ଅଗଷ୍ଟ 2022 ମଙ୍ଗଳବାର ଦିନ ଜଳ ସମ୍ପଦ ସଚିବ-ସ୍ତରୀୟ କଥାବାର୍ତ୍ତା ଅନୁଷ୍ଠିତ ହୋଇଥିଲା।

ଏହି ଦ୍ୱିପାକ୍ଷିକ ବୈଠକରେ ଦୁଇ ଦେଶ ମଧ୍ୟରେ ଥିବା ନଦୀର ଜଳ ବାଣ୍ଟିବା, ବନ୍ୟା ବିଷୟରେ ତଥ୍ୟ ପ୍ରଦାନ କରିବା, ନଦୀ ପ୍ରଦୂଷଣକୁ ରୋକିବା ଏବଂ ପଙ୍କ ପରିଚାଳନା ଓ ନଦୀ ବନ୍ଧ ସୁରକ୍ଷା କାର୍ଯ୍ୟ ଆଦି ବିଷୟ ଉପରେ ମିଳିତ ଅଧ୍ୟୟନ କରିବା ସହିତ ପାରସ୍ପରିକ ସ୍ୱାର୍ଥର ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଉଭୟ ପକ୍ଷ କୁଶିଆରା ନଦୀର ଜଳ ମଧ୍ୟବର୍ତ୍ତୀ କାଳରେ ବଣ୍ଟନ ଉପରେ ଏମଓୟୁର ଟେକ୍ସଟକୁ ଚୂଡ଼ାନ୍ତ କରିଥିଲେ। ଏହି ବିଷୟରେ ଅକ୍ଟୋବର 2019 ରେ ଭାରତ-ବାଙ୍ଗଲାଦେଶ ମଧ୍ୟରେ ସ୍ୱାକ୍ଷରିତ ଏମଓୟୁ ଅନୁଯାୟୀ ତ୍ରିପୁରାର ସାବରୁମ ସହରର ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଫେନି ନଦୀରେ ଜଳ ସଂଗ୍ରହ କେନ୍ଦ୍ରର ଡିଜାଇନ୍ ଓ ଅବସ୍ଥାନର ଚୂଡ଼ାନ୍ତକରଣକୁ ଉଭୟ ପକ୍ଷ ସ୍ୱାଗତ କରିଥିଲେ।

ସହଯୋଗର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ଭାରତ ବାଙ୍ଗଲାଦେଶକୁ ବାସ୍ତବିକ ସମୟର ବନ୍ୟା ତଥ୍ୟ ପ୍ରଦାନ କରି ସାହାଯ୍ୟ କରୁଛି। ବାଙ୍ଗଲାଦେଶକୁ ଅପ୍ରତ୍ୟାଶିତ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତ ବନ୍ୟା ତଥ୍ୟ ପ୍ରଦାନ ସମୟକୁ 15 ଅକ୍ଟୋବରରୁ ଆଗକୁ ବୃଦ୍ଧି କରିଛି।

ଭାରତ ଏବଂ ବାଙ୍ଗଲାଦେଶ ମଧ୍ୟରେ 54 ଟି ନଦୀ ରହିଛି। ସେଥିମଧ୍ୟରୁ 7 ଟି ନଦୀକୁ ପ୍ରାଥମିକତା ଦେଇ ଜଳ ବଣ୍ଟନ ଚୁକ୍ତିନାମାର ଢାଞ୍ଚା ବିକାଶ ପାଇଁ ଚିହ୍ନଟ କରାଯାଇଛି। ଏହି ବୈଠକ ସମୟରେ ତଥ୍ୟ ବିନିମୟ ପାଇଁ ଆହୁରି 8 ଟି ନଦୀକୁ ଅନ୍ତର୍ଭୁକ୍ତ କରି ସହଯୋଗର ଏହି

କ୍ଷେତ୍ରକୁ ବ୍ୟାପକ କରିବାକୁ ସହମତି ପ୍ରକାଶ ପାଇଥିଲା। ମିଳିତ ନଦୀ ଆୟୋଗର ବୈଷୟିକ ସ୍ତରୀୟ କମିଟିରେ ଏହି ବିଷୟରେ ଅଧିକ ଆଲୋଚନା କରାଯିବ।

ସାଧାରଣ/ସୀମାବର୍ତ୍ତୀ/ସୀମାପାର ନଦୀକୁ ନେଇ ପାରସ୍ପରିକ ସମସ୍ୟାର ସମାଧାନ ପାଇଁ ଦ୍ୱିପାକ୍ଷିକ ମେକାନିଜିମ ଭାବରେ 1972 ରେ ଭାରତ ଏବଂ ବାଙ୍ଗଲାଦେଶର ମିଳିତ ନଦୀ ଆୟୋଗ ଗଠନ କରାଯାଇଥିଲା।

**ନୂଆଦିଲ୍ଲୀ**

**ଅଗଷ୍ଟ 26, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.